The Odisha Gazette

EXTRAORDINARY

PUBLISHED BY AUTHORITY

No. 1324 CUTTACK, MONDAY, JUNE 12, 2023/JAISTHA 22, 1945

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଘୋଷଣା

The 26th May 2023

**S.R.O. No. 291**/2023—ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮, ଅଧିନିୟମ ୨ ଅନୁସାରେ ରାୟଗଡ଼ ଜିଲ୍ଲାର ୦୧(ଏକ) ଗୋଟି ଗ୍ରାମ ରେ ମୋଟ **ଏ.୦.୬୯୫**ଜାଗା/ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କୋରାପୁଟ-ସିଙ୍ଗାପୁର ରୋଡ ଦୋହରିକରଣ ରେଳ ଲାଇନ ପ୍ରକଳ୍ପ ନିମନ୍ତେ ଉପ ମୁଖ୍ୟ ଯନ୍ତ୍ରୀ(ନିର୍ମାଣ-II), ପୂର୍ବତଟ ରେଳପଥ,ବିଶାଖାପାଟନମଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବାରୁ ନିମ୍ନ ସୂଚିତ 'କ' ତଫସିଲ ଜମି ନିମନ୍ତେ ଜିଲ୍ଲାପାଳ ରାୟଗଡ଼ଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ତର୍ଜମା କରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତି ନିଆଗଲା ।

୧. ସର୍ବସାଧାରଣ ଉଦ୍ଦେଶ୍ୟରେ ଚିହ୍ନିତ କରାଯାଇଥିବା ପ୍ରସ୍ତାବିତ ଆବଶ୍ୟକ ଜମି ଅଧିଗ୍ରହଣ ବିଧି ସଙ୍ଗତ ଏବଂ ଯଥାର୍ଥ ଅଟେ ।

୨. ଏହି ପ୍ରକଳ୍ପ ପାଇଁ ଆକଳନ କରାଯାଇଥିବା ଖର୍ଚ୍ଚଠାରୁ ସମ୍ଭାବ୍ୟ ଉପକାର ଓ ସର୍ବସାଧାରଣ ହିତର ମୂଲ୍ୟ ଯଥେଷ୍ଟ ଅଧିକ ଅଟେ ।

୩.ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଅଛି ।

୪. ପୂର୍ବରୁ ଅଧିଗ୍ରହଣ ହୋଇଥିବା କିଛି ବଳକା ଜମି ଉପଯୋଗ କରାଯାଉଅଛି।

୫. ଉକ୍ତ ପ୍ରକଳ୍ପରେ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି, ପ୍ରପୀଡିତ ବ୍ୟକ୍ତି ବିଶେଷଙ୍କର ସର୍ବନିମ୍ନ ପ୍ରତିକୂଳ ପ୍ରଭାବ ଓ ଭିତ୍ତିଭୂମିର ପ୍ରୟୋଗ ନିମନ୍ତେ ଧ୍ୟାନ ରଖାଯାଇଅଛି ।

୬. ଏଠାରେ ପୁନର୍ବାସ ଓ ଥଇଥାନ ନୀତିର ଆବଶ୍ୟକତା ନାହିଁ। କ୍ଷତିଗ୍ରସ୍ତ ଲୋକଙ୍କୁ ଭୂ-ଅର୍ଜନ ଆଇନ ୨୦୧୩ ଏବଂ ଓଡିଶା ଭୂ-ଅର୍ଜନ ନିୟମାବଳୀ ୨୦୧୬ ମୁତାବକ ଜମି, ବୃକ୍ଷ, ନଳକୂପ ଇତ୍ଯାଦିର ମୂଲ୍ୟାୟନ କରାଯାଇ କ୍ଷତି ପୂରଣ ରାଶି ପ୍ରଦାନ କରାଯିବ ।

୭. ଯେହେତୁ ଏହି ଦୁଇ ଗୋଟି ଗ୍ରାମ ଦେଇ ଯାଉଥିବା ରେଳ ପ୍ରକଳ୍ପ ଦ୍ଵାରା ଗାଁ ର କିଛି ଗଛ ଏବଂ କୃଷକଙ୍କ ଫଳ ପ୍ରଦାନ କରୁଥିବା ଗଛ ନଷ୍ଟ ହଉଛି,ଏହି ସମସ୍ଯା କୁ ଦୃଷ୍ଟି ରେ ରଖି ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଖୋଲା ଜମି ରେ ସଡକ ପାର୍ଶ୍ୱରେ ଅଧିକ ଗଛ ଲଗେଇବାକୁ ରେଳ କର୍ତ୍ତୃପକ୍ଷ ଙ୍କୁ ପରାମର୍ଶ ଦିଆଯାଇଅଛି।

୮. ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ସର୍ବସାଧାରଣ ଙ୍କ ଯାତାୟାତର ସୁବିଧା ଏବଂ ଚାଷ ଜମି ର ସୁରକ୍ଷା ପାଇଁ ଆବଶ୍ୟକ ସ୍ଥଳେ ଓଭରବ୍ରିଜ, ଅଣ୍ଡର ଗ୍ରାଉଣ୍ଡ ବ୍ରିଜ,ଗାଡ଼ୱାଲ ଏବଂ ଡ୍ରେନେଜ ନିର୍ମାଣ କରାଯିବା ପାଇଁ ରେଳ ବିଭାଗ କର୍ତ୍ତୃପକ୍ଷ ବିହିତପଦକ୍ଷେପ ଗ୍ରହଣ କରିବେ।

ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ଵଚ୍ଛତା ନିୟମାବଳୀ, ୨୦୧୬ ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ଵାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠି ରିପୋର୍ଟ କୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୂପଭାବରେ ଉପସ୍ଥାପିତ କରାଗଲା । ଏହାପରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ଵଚ୍ଛତା ଆଇନ, ୨୦୧୩ ର ଧାରା୧୧, ଅଧିନିୟମ ୧ ରେ ଅଧିସୂଚନା ପାଇଁ ପ୍ରୟୋଜନ କରାଯିବ ।

ତଫସିଲ – କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- ରାୟଗଡ଼

| କ୍ରମିକ ନଂ | ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ ଙ୍କ ନାମ |
|---|---|---|---|---|---|---|---|---|---|
| ୧ | **ଭାଲୁମସ୍କା** | କଲ୍ଯାଣ ସିଂହପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | **ଏ. ୦.୬୯୫** | ଏଥି ସହିତ ସଂଲଗ୍ନ |
| ମୋଟ | | | | | | | | **ଏ. ୦.୬୯୫** | |

| ଭୂମି ଅଧିଗ୍ରହଣ ଅନୁସୁଚୀ | | | | | | |
|---|---|---|---|---|---|---|
| ମୌଜା- ଭାଲୁମାସ୍କା (ଗ୍ରାମାଞ୍ଚଳ), ତହସିଲ- କଲ୍ୟାଣସିଙ୍ଗପୁର, ଥାନା-କଲ୍ୟାଣସିଙ୍ଗପୁର, ଥାନା ନଂ.୨୩୧ ଜିଲ୍ଲା-ରାୟଗଡା | | | | | | |
| କୋରାପୁଟ-ସିଙ୍ଗାପୁର ରୋଡ ଦୋହରିକରଣ ରେଳପଥ ପ୍ରକଳ୍ପ ନିମନ୍ତେ | | | | | | |
| ଖାତା ନଂ. | ସତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
| ୦୩ | ରୟତି | ଡଙ୍ଗର ତିନି | ୧୦ | ୦.୯୮୦୦ | ୦.୫୩୧୦ | ହିକକା ଚକ୍ର, ହିକକା ହିରୁ, ପି- ହିକକାଅମ୍ବରୁ, ଜା-କନ୍ଧ |
| ୦୫ | ରୟତି | ଡଙ୍ଗର ତିନି | ୧୩ | ୦.୭୧୦୦ | ୦.୧୬୪୦ | ପ୍ରାସ୍କା ପାପାନା, ପ୍ରାସ୍କା ସାବୁ, ପି-ପ୍ରାସ୍କା କୁମୁଟି, ଜା-କନ୍ଧ |
| | | | **ମୋଟ** | **୧.୬୯୦୦** | **୦.୬୯୫** | |

ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି |

**[No. 19123—RDM-LAB-RGD-0014/2021-RDM]**

ରାଜ୍ୟପାଳଙ୍କ ଆଦେଶକ୍ରମେ
ମଧୁସ୍ମିତା ସାହୁ
ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 609—173+25